# ଜୱାଦ୍ ମୁକାବିଲା ପାଇଁ ରାୟଗଡ଼ା, ମାଲକାନଗିରି ଜିଲା ପ୍ରଶାସନ ପ୍ରସ୍ତୁତ

ରାୟଗଡ଼ା ଅଫିସ,୩।୧୨–

- ‘ତଳିଆ ଅଞ୍ଚଳ, ଅତଡ଼ା ଧସିବା ସ୍ଥାନ ଉପରେ ନଜର ରଖ’
- ବାତ୍ୟା, ବର୍ଷା ମୁକାବିଲା ପାଇଁ ଜିଲାପାଳଙ୍କ ଜରୁରୀ ବୈଠକ
- ବଡ଼ନାଳ ଓ ହରଭଙ୍ଗୀ ଜଳସେଚନ ପ୍ରକଳ୍ପର ଯନ୍ତ୍ରୀଙ୍କୁ କଲେ ସଜାଗ

ସମ୍ଭାବ୍ୟ ବାତ୍ୟା ଜୱାଦ୍ ଓ ଏହାର ପ୍ରଭାବରେ ହେବାକୁ ଥିବା ବର୍ଷା ପରବର୍ତ୍ତୀ ସମସ୍ୟାର ମୁକାବିଲା ନିମନ୍ତେ ରାୟଗଡ଼ାଠାରେ ଶୁକ୍ରବାର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଭର୍ଚୁଆଲ ବୈଠକରେ ଏସ୍‌ପି ବିବେକାନନ୍ଦ ଶର୍ମା, ଅତିରିକ୍ତ ଜିଲାପାଳ ସୋମନାଥ ପ୍ରଧାନ, ଧର୍ମାନନ୍ଦ ବେହେରା, ଡିଆର୍‌ଡିଏ ପିଡି ରବିନାରାୟଣ ତ୍ରିପାଠୀ, ଗୁଣପୁର ଉପଜିଲାପାଳ ସୋନାଲ ଜେନା, ରାୟଗଡ଼ା ଉପଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ, ବିଡିଓ, ତହସିଲଦାର ଏବଂ ବ୍ଲକ ସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ।

ବାତ୍ୟାର ପ୍ରଭାବରେ ହେବାକୁ ଥିବା ବର୍ଷା ଯୋଗୁ ଜିଲାର ବିଭିନ୍ନ ଅଞ୍ଚଳରେ ମାଟି ଅତଡ଼ା ଧସିବା, ବର୍ଷାଜଳ ଜମି ରହିବା ଏବଂ ଅଧିକ ବର୍ଷା ହେଲେ ବନ୍ୟା ପରିସ୍ଥିତିର ଆଶଙ୍କା ମଧ ରହିଛି। ତେଣୁ ମାଟି ଅତଡ଼ା ଧସିବା ସମ୍ଭାବନା ଥିବା ସ୍ଥାନଗୁଡ଼ିକୁ ଚିହ୍ନଟକରି ସଜାଗ ରହିବାକୁ ସମସ୍ତ ବିଡିଓଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି କୌଣସି ଅଧିକାରୀ ଏବଂ କର୍ମଚାରୀ ଛୁଟିରେ ଯାଇପାରିବେନାହିଁ ବୋଲି କହିବା ସହ ମୁଖ୍ୟାଳୟ ନ ଛାଡ଼ିବାକୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ବାତ୍ୟା ମୁକାବିଲା ନିମନ୍ତେ ଜିଲାରୁ ବ୍ଲକ ପର୍ଯ୍ୟନ୍ତ ନିୟନ୍ତ୍ରଣ କକ୍ଷ ଖୋଲି କାର୍ଯ୍ୟକାରୀ କରାଯିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ତଳିଆ ଅଞ୍ଚଳ ଚିହ୍ନଟ କରି ଜନସାଧାରଣଙ୍କୁ ସଚେତନ ଓ ଆବଶ୍ୟକ ପଡ଼ିଲେ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବା ନିମନ୍ତେ ଖାଦ୍ୟ ଯୋଗାଇବାକୁ କହିଛନ୍ତି। ବିଶେଷକରି ରାୟଗଡ଼ା, ଗୁଡାରି ଓ ଗୁଣପୁରର ତଳିଆ ଅଞ୍ଚଳ ପ୍ରତି ନଜର ରଖିବାକୁ କୁହାଯାଇଛି। ବଡ଼ନାଳ ଓ ହରଭଙ୍ଗୀ ଜଳସେଚନ ପ୍ରକଳ୍ପର ନିର୍ବାହୀ ଯନ୍ତ୍ରୀମାନଙ୍କୁ ସତର୍କତା ଅବଲମ୍ବନ କରିବାକୁ କୁହାଯାଇଛି। ଆସନ୍ନ ପ୍ରସବାମାନଙ୍କୁ ସିଡିପିଓମାନେ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରିବାକୁ କୁହାଯାଇଛି। ସେହିପରି ଅମଳକ୍ଷମ ଫସଲକୁ ତୁରନ୍ତ ଅମଳ କରି ସାଇତିବାକୁ ପରାମର୍ଶ ଦିଆଯାଇଛି। ବିଦ୍ୟୁତ୍ ବିଭାଗ, ଅଗ୍ନିଶମ ବିଭାଗ, ଟେଲିଫୋନ୍ ବିଭାଗ ସଜାଗ ରହିବାକୁ କୁହାଯାଇଛି।

## ଚାଷୀଙ୍କ ଫସଲ ସୁରକ୍ଷାକୁ ପ୍ରାଥମିକତା

ମାଲକାନଗିରି,୩।୧୨(ଡି.ଏନ୍.ଏ.)



ଚାଷୀଙ୍କୁ ସଚେତନ କରିବାକୁ ବାହାରିଥିବା ଅଟୋ।

ବାତ୍ୟା ଜୱାଦ୍ ଓ ବର୍ଷାକୁ ଦୃଷ୍ଟିରେ ରଖି ମାଲକାନଗିରି ଜିଲା ପ୍ରଶାସନ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି। ଏ ନେଇ ବ୍ୟାପକ ପ୍ରସ୍ତୁତି କରାଯାଇଥିବାବେଳେ ବିଶେଷ କରି ଚାଷୀ କିପରି ସେମାନଙ୍କ ଫସଲକୁ ସୁରକ୍ଷିତ ରଖିପାରିବେ ସେ ନେଇ କୃଷି ବିଭାଗ ପକ୍ଷରୁ ୧୧ ଅଟୋ ଗ୍ରାମାଞ୍ଚଳରେ ବୁଲି ଡାକବାଜି ଯନ୍ତ୍ର ସାହାଯ୍ୟରେ ସଚେତନ କରୁଛି। ଅମଳ ହୋଇଥିବା ଧାନ ସୁରକ୍ଷିତ ସ୍ଥାନରେ ରଖିବା ଏବଂ କଟାଯାଇ ନ ଥିବା ଧାନ ଏବେ ନ କାଟିବା ପାଇଁ ଚାଷୀଙ୍କୁ ପରାମର୍ଶ ଦିଆଯାଇଛି। ପରିବା ଫସଲ ଅଞ୍ଚଳରେ ପାଣି ନିଷ୍କାସନ କରିବା ବ୍ୟବସ୍ଥା କରିବା ସହ ପଲିଥିନ୍ ଘୋଡାଇ ରଖିବାକୁ ପରାମର୍ଶ ଦିଆଯାଇଛି। ଜିଲାରେ ଚଳିତ ବର୍ଷ ୭୫ ହଜାର ହେକ୍ଟର ଜମିରେ ଧାନଚାଷ, ୨୭ ହେକ୍ଟରରେ ତେଲ ଜାତୀୟ ଚାଷ, ୧୯ରୁ ଉର୍ଦ୍ଧ୍ୱ ହେକ୍ଟର ଜମିରେ ଚିନାବାଦାମ, ୯ ହଜାରରୁ ଉର୍ଦ୍ଧ୍ୱ ଜମିରେ ମକା, ୮ହଜାରରୁ ଉର୍ଦ୍ଧ୍ୱ ହେକ୍ଟର ଜମିରେ ମାଣ୍ଡିଆ, ୬ ହଜାରରୁ ଉର୍ଦ୍ଧ୍ୱ ହେକ୍ଟର ଜମିରେ ମୁଗ, ୪ ହଜାରରୁ ଉର୍ଦ୍ଧ୍ୱ ହେକ୍ଟର ଜମିରେ ବିରି, ୮ ହଜାରରୁ ଉର୍ଦ୍ଧ୍ୱ ହେକ୍ଟର ଜମିରେ ଫଳ, ୧୬ ହଜାରରୁ ଉର୍ଦ୍ଧ୍ୱ ହେକ୍ଟର ଜମିରେ ପରିବା ଏବଂ ୩ହଜାରରୁ ଉର୍ଦ୍ଧ୍ୱ ହେକ୍ଟର ଜମିରେ ଅଦା, ହଳଦୀ ଆଦି ଚାଷ କରାଯାଇଛି। ୮୦ ପ୍ରତିଶତ ଧାନ ଚାଷୀମାନେ କାଟି ଅମଳ କରି ସାରିଲେଣି। ଅବଶିଷ୍ଟ ଧାନ ବାତ୍ୟା ପରେ କାଟିବା ପାଇଁ ପରାମର୍ଶ ଦିଆଯାଇଥିବା ଜିଲା ମୁଖ୍ୟ କୃଷି ଅଧିକାରୀ ଆନନ୍ଦ ରାଓ ସୂଚନା ଦେଇଛନ୍ତି। ସେହିପରି ଜିଲା ପ୍ରଶାସନ ପକ୍ଷରୁ ତଳିଆ ଅଞ୍ଚଳରେ ଲୋକଙ୍କୁ ସତର୍କ କରାଯିବା ସହ ବିଭିନ୍ନ ନଦୀ କୂଳ ସ୍ଥାନ ଗୁଡ଼ିକରେ ଡଙ୍ଗା, ଶୁଖିଲା ଖାଦ୍ୟ, ଆଶ୍ରୟ ସ୍ଥଳୀ ପ୍ରସ୍ତୁତ ରଖାଯାଇଥିବା ଅତିରିକ୍ତ ଜିଲାପାଳ ବିରସେନ ପ୍ରଧାନ କହିଛନ୍ତି। ଅଗ୍ନିଶମ ବିଭାଗକୁ ମଧ ସଜାଗ କରାଯାଇଛି। ସମସ୍ତ ସରକାରୀ କର୍ମଚାରୀଙ୍କୁ ଛୁଟି ବାତିଲ କରାଯିବା ସହ ଯେକୌଣସି ପରିସ୍ଥିତିର ମୁକାବିଲା କରିବାକୁ ପ୍ରଶାସନ ପ୍ରସ୍ତୁତ ବୋଲି କୁହାଯାଇଛି।

## ସଂକ୍ଷେପରେ

### ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ନେଇ ପ୍ରତିଯୋଗିତା



କୋଟପାଡ୍, ୩।୧୨(ଡି.ଏନ୍.ଏ.) କୋରପୁଟ ଜିଲା କୋଟପାଡ୍ ସରକାରୀ ଜମାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ଅନୁଷ୍ଠିତ ହୋଇଯାଇଛି। କୋଟପାଡ୍ ବ୍ଲକ ଓ ସହରାଞ୍ଚଳର ସମସ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭିନ୍ନକ୍ଷମ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ସେମାନଙ୍କ ମଧରେ କ୍ରୀଡ଼ା, ଚିତ୍ରାଙ୍କନ, ସଂଗୀତ, ଜିଲାପି ଡିଆଁ, ମୁଜିକ୍ ଚେୟାର ଆଦି ପ୍ରତିଯୋଗିତା କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ୧୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅନ୍ୟ ସମସ୍ତ ପ୍ରତିଯୋଗୀଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ଦିଆଯାଇଛି। କାର୍ଯ୍ୟକ୍ରମରେ ବିଇଓ ତିଲୋତ୍ତମା ଗରଡ଼ା ମୁଖ୍ୟ ଅତିଥି, ନଳିନୀ ସାହୁ, ବାଞ୍ଛାନିଧି ହରିଜନ, ଖଗେଶ୍ୱର ଗୋଲେରୀ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ସ୍କୁଲ ଶିକ୍ଷୟିତ୍ରୀ ଶିକ୍ଷକ ପିଲାମାନଙ୍କର ଉତ୍ସାହ ବଢ଼ାଇଥିଲେ।

### ଜାତୀୟ ଓପନ କରାଟେରେ ଆନନ୍ଦଙ୍କୁ ବ୍ରୋଞ୍ଜ



ସୁନାବେଡ଼ା,୩।୧୨(ସ୍ୱ.ପ୍ର.)- ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଥିବା ଜାତୀୟ ଓପନ କରାଟେ ପ୍ରତିଯୋଗିତାରେ ସୁନାବେଡ଼ା ଏସ୍‌ଡିପିଓଙ୍କ କାର୍ଯ୍ୟାଳୟ କର୍ମଚାରୀ ଆନନ୍ଦ ଚନ୍ଦ୍ର ବିହାରୀ ୬୦ କେଜି ପୁରୁଷ ଫାଇଟ କାଟେଗୋରିରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଏହି ପ୍ରତିଯୋଗିତା ନଭେମ୍ବର ୨୬ ରୁ ୨୮ ପର୍ଯ୍ୟନ୍ତ ଚାଲିଥିଲା। ପ୍ରତିଯୋଗିତାରେ ଦେଶର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ୭ ଶହ ପ୍ରତିଯୋଗୀ ଭାଗନେଇଥିଲେ। ସୁନାବେଡ଼ା ଉତ୍କଳ କରାଟେ ସ୍କୁଲର ମୁଖ୍ୟ କୋଚ ମହେଶ ବରାଳ, ସୁନାବେଡ଼ା ଏସ୍‌ଡିପିଓ ମନୋଜ କୁମାର ବେହେରା ଓ ସୁନାବେଡ଼ା ଥାନାଧିକାରୀ ପ୍ରଦ୍ୟୁମ୍ନ ମହାପାତ୍ର ଆନନ୍ଦଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### ୩୧ ବର୍ଷ ପରେ ଭିଜିଲାନ୍ସ କୋର୍ଟରେ ମାମଲାର ରାୟ ପ୍ରକାଶ

ଜୟପୁର, ୩।୧୨(ନି.ପ୍ର.)- ଜୟପୁର ଭିଜିଲାନ୍ସ କୋର୍ଟରେ ଦୀର୍ଘ ୩୧ ବର୍ଷ ପରେ ରାୟ ଶୁଣାଣି ହୋଇଛି। ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ରାଜେଶ ଏକ୍କା ରାୟ ଶୁଣାଣି କରି ୨ ଅଭିଯୁକ୍ତଙ୍କୁ ଦଣ୍ଡିତ କରିଛନ୍ତି। ସେମାନେ ହେଲେ ପାପଡାହାଣ୍ଡିର ସୁଧାଂଶୁ ଶେଖର ମିଶ୍ର, ପାପଡାହାଣ୍ଡିର ଅବସରପ୍ରାପ୍ତ ଆସିଷ୍ଟାଣ୍ଟ ସୁପଭାଇଜର ଅମର ଜୁଶ ଦୁଃଖୀ ଉଭୟଙ୍କୁ ୨ ବର୍ଷ ଲେଖାଏ କାରାଦଣ୍ଡ ସହ ୫ ହଜାର ଟଙ୍କା ଲେଖାଏ ଜରିମାନା ଦଣ୍ଡାଦେଶ ଶୁଣାଯାଇଛି। ନବରଙ୍ଗପୁର ଜିଲା ପାପଡାହାଣ୍ଡିରେ କାଠ ଟିପୋରେ ୫୦ ଲକ୍ଷ ୭ ହଜାର ୩୩୭ ଟଙ୍କାର ଅନିୟମିତତା କରିଥିବା ନେଇ ଅଭିଯୋଗ ହୋଇଥିଲା। ୧୯୯୦-୯୧ରେ ଭିଜିଲାନ୍ସ ମାମଲା ରୁଜୁ କରିଥିଲା। ଗତ ୩୦।୯।୯୦ରେ ଭିଜିଲାନ୍ସ ୨ଜଣ ଅଭିଯୁକ୍ତ ବୋଲି ମାମଲା ରୁଜୁ କରିଥିଲା। ଏହି ମାମଲାରେ ୧୩ ଜଣ ସାକ୍ଷ୍ୟ ପ୍ରଦାନ କରିଥିଲେ। ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି କୋର୍ଟ ରାୟ ଶୁଣାଣି କରିଛନ୍ତି। ମାମଲାକୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଏମ୍. ବାଲାଜି ରାଓ ପରିଚାଳନା କରିଥିଲେ।

### କୂଅରୁ ବୃଦ୍ଧାଙ୍କ ମୃତଦେହ ଜବତ

ରାଇଘର, ୩।୧୨(ଡି.ଏନ୍.ଏ.)-ନବରଙ୍ଗପୁର ଜିଲା ରାଇଘର ବ୍ଲକ କୁନ୍ଦେଇ ଥାନା ଅଧୀନ ସୁନାରପାରା ଗ୍ରାମର ଦୟାବାଇ ହଲବା(୬୨)ଙ୍କ ମୃତଦେହ କୂଅରୁ ଶୁକ୍ରବାର ଉଦ୍ଧାର ହୋଇଛି। ମୃତ ଦୟାବାଇ ବୁଧବାର ଘରୁ ବାହାରି ଘର ପାଖରେ ଜମିକୁ ଯାଇଥିଲେ। କିନ୍ତୁ ସେ ଆଉ ଫେରି ନ ଥିଲେ। ଜମି ଭିତରେ ଥିବା କୂଅରେ ସେ ପଡିଥିବା ପରିବାର ଲୋକେ ଜାଣି ପାରି ନ ଥିଲେ। ସେମାନେ ତାଙ୍କୁ ଅନ୍ୟସ୍ଥାନରେ ଖୋଜଖୋଜି କରି ପାଇ ନ ଥିଲେ। ଶୁକ୍ରବାର ଉକ୍ତ ଜମିରେ ହଳ ବୁଲାଇବା ସମୟରେ ଟ୍ରାକ୍ଟର ଡ୍ରାଇଭର କୂଅରେ ମୃତଦେହ ଦେଖି ଗ୍ରାମବାସୀଙ୍କୁ ଡାକିଥିଲେ। ମୃତ ଦୟାବାଇଙ୍କ ପୁଅ ମହେଶ ଉକ୍ତ ମୃତଦେହ ତାଙ୍କ ମା’ଙ୍କର ବୋଲି ସ୍ପଷ୍ଟ କରିଥିଲେ। ଏହାପରେ ସେ କୁନ୍ଦେଇ ଥାନାକୁ ଖବର ଦେଇଥିଲେ। କୁନ୍ଦେଇ ପୋଲିସ ମୃତଦେହ ଉଦ୍ଧାର କରି କେସ୍ ନଂ ୩/୧୨ରେ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ଅଟୋ ଚାଳକଙ୍କୁ ହେଲ୍‌ମେଟ୍ ଫାଇନ

ମାଲକାନଗିରି,୩।୧୨(ଡି.ଏନ୍.ଏ.)

ମାଲକାନଗିରି ସଦର ଅଞ୍ଚଳର ଜଣେ ଅଟୋରିକ୍ସା ଚାଳକଙ୍କୁ ହେଲମେଟ ନ ପିନ୍ଧିବା ନେଇ ଜରିମାନା କରାଯାଇଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ଅଟୋରିକ୍ସା ଚାଳକ ସୁବାସ ଚଲାନ କୌଣସି କାମରେ ଆର୍‌ଟିଓ କାର୍ଯ୍ୟାଳୟକୁ ଯାଇଥିଲେ। ସେଠାରୁ ଫେରିବାବେଳେ ବାଟରେ ପୋଲିସ ଅଟକାଇ ୧୫୦୦ ଟଙ୍କା ଜରିମାନା କରିଛି। ହେଲମେଟ ପିନ୍ଧି ନ ଥିବା ଅଭିଯୋଗରେ ୧୦୦୦ ଟଙ୍କା ଏବଂ ଜେନେରାଲ ଅଫେନ୍ସରେ ୫୦୦ ଟଙ୍କା ଜରିମାନା କରାଯାଇଛି। ଏ ନେଇ ଅଟୋ ମାଲିକ ଉତ୍ତମ ଡାଲିଙ୍କ ନାମରେ ଫାଇନ୍ କରାଯାଇଛି। ରସିଦରେ ତିନିଚକିଆ ଯାନ ବୋଲି ଉଲ୍ଲେଖ ରହିଥିବାବେଳେ ହେଲ୍‌ମେଟ ନ ପିନ୍ଧିବା



କାରଣରୁ ଜରିମାନା କରାଯାଇଥିବା ମଧ ଉଲ୍ଲେଖ ରହିଛି। ଏ ନେଇ ମାଲକାନଗିରି ଥାନାଧିକାରୀ ରାମ ପ୍ରସାଦ ନାଗଙ୍କୁ ପଚାରିବାରୁ ଏଭଳି ହେବା କଥା ନୁହେଁ, ଭୁଲରେ ହେଲ୍‌ମେଟ ବାବଦକୁ ଜରିମାନା କରାଯାଇଥିବ ବୋଲି କହିଛନ୍ତି। ତେବେ ଏହା ଘଟଣା ପ୍ରଥମ ନୁହେଁ। ପୂର୍ବରୁ ମଧ ଏଭଳି ଘଟଣା ଘଟିଥିବା ନଜିର ରହିଛି। ତେଣୁ ପୋଲିସର କାର୍ଯ୍ୟକୁ ନେଇ ଅସନ୍ତୋଷ ପ୍ରକାଶ ପାଉଛି।

## ଗାନ୍ଧୀ ପବ୍ଲିକ ସ୍କୁଲରେ କୃଷି ଶିକ୍ଷା ଦିବସ ପାଳିତ

ଗୁଣପୁର,୩।୧୨(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଣପୁରସ୍ଥିତ ଗାନ୍ଧୀ ପବ୍ଲିକ ସ୍କୁଲରେ ଶୁକ୍ରବାର କୃଷି ଶିକ୍ଷା ଦିବସ ପାଳିତ ହୋଇଯାଇଛି। ଭାରତର ପ୍ରଥମ ରାଷ୍ଟ୍ରପତି ଭାରତରତ୍ନ ଡ. ରାଜେନ୍ଦ୍ର ପ୍ରସାଦଙ୍କ ଜନ୍ମ ଦିବସକୁ କୃଷି ଶିକ୍ଷା ଦିବସ ରୂପେ ପାଳନ କରାଯାଉଛି। ଏହି ଉପଲକ୍ଷେ ଛାତ୍ରୀଛାତ୍ରଙ୍କ ମଧରେ ବକ୍ତୃତା, ପ୍ରବନ୍ଧ, ଚିତ୍ରକଳା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଜିଆଇଇଟି ବିଶ୍ୱବିଦ୍ୟାଳୟ କୃଷି ବିଭାଗର ପ୍ରଫେସର ମନୋରଞ୍ଜନ ମହାପାତ୍ର ମୁଖ୍ୟ ଅତିଥି ରୂପେ ଯୋଗଦେଇ ବିଶ୍ୱବିଦ୍ୟାଳୟ ସ୍ତରରେ କୃଷି ପାଠ୍ୟକ୍ରମ ଆରମ୍ଭ ହେବା ଦ୍ୱାରା ଦେଶରେ କୃଷିର ବିକାଶ ସହ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିଛି ବୋଲି କହିଛନ୍ତି। ବିଦ୍ୟାଳୟ ଅଧକ୍ଷ ସୁବ୍ରତ ରଞ୍ଜନ ପାଠୀ କହିଛନ୍ତି, କୃଷିର ବିକାଶ ହିଁ ଦେଶର ବିକାଶ। ଏହି ପାଠ୍ୟକ୍ରମରେ ଅଧ୍ୟୟନ ଦ୍ୱାରା ଛାତ୍ରୀଛାତ୍ରମାନେ ବୃତ୍ତିଗତ ଉନ୍ନତି ସାଧନ କରିପାରୁଛନ୍ତି। ସେହିପରି ଦେଶର ଉନ୍ନତି କ୍ଷେତ୍ରରେ କୃଷିର ଅଗ୍ରଗତି ନିହିତ ଅଛି ବୋଲି ଜିଆଇଇଟି ବିଶ୍ୱବିଦ୍ୟାଳୟର ମହାନିର୍ଦ୍ଦେଶକ ଜଗଦୀଶ ପଣ୍ଡା କହିଛନ୍ତି। ଶେଷରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଛି। ଜିଆଇଇଟି ବିଶ୍ୱବିଦ୍ୟାଳୟ ଅଧକ୍ଷ ସତ୍ୟପ୍ରକାଶ ପଣ୍ଡା, ସମ୍ପାଦକ ଚନ୍ଦ୍ରଧ୍ୱଜ ପଣ୍ଡା ଉପସ୍ଥିତ ଥିଲେ।

## ଗାଁ ସାଥୀଙ୍କୁ ଉଚିତ ପ୍ରାପ୍ୟ ମିଳୁ

ବିଷମକଟକ,୩।୧୨(ଡି.ଏନ୍.ଏ.)



ଶୋଭାଯାତ୍ରାରେ ବାହାରିଥିବା ଗାଁ ସାଥୀମାନେ ।

ରାୟଗଡ଼ା ଜିଲା ବିଷମକଟକ ବ୍ଲକରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାର୍ଯ୍ୟରତ ଗାଁ ସାଥୀ(ମେଟ୍)ମାନେ ବିଭିନ୍ନ ଦାବି ନେଇ ଶୁକ୍ରବାର ଏକ ଶୋଭାଯାତ୍ରାରେ ବାହାରି ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ମାଁ ମାର୍କମା ମନ୍ଦିରରୁ ଶୋଭାଯାତ୍ରା ବାହାରି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ବିଡିଓଙ୍କୁ ଦାବିପତ୍ର ଦେଇଥିଲେ। ରାଜ୍ୟ ସରକାର ପଞ୍ଚାୟତିରାଜ ବିଭାଗର ନିର୍ଦ୍ଦେଶ ଅନୁଯାୟୀ ନ୍ୟାସନାଲ ମୋବାଇଲ ମନିଟରିଂ ସିଷ୍ଟମରେ ମେଟ୍ ପଞ୍ଜୀକୃତ କରାଯାଉ, ୧୦ ଦିନରୁ ଉର୍ଦ୍ଧ୍ୱ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟ ପାଇଁ ଉଚିତ୍ ସରକାରୀ ପ୍ରାପ୍ୟ ପ୍ରଦାନ ବ୍ୟବସ୍ଥା, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅଧୀନରେ କାର୍ଯ୍ୟରତ ମେଟ୍ ମାନଙ୍କୁ ଚିହ୍ନଟ କରି ସେମାନେ କେତେ ଟଙ୍କା ରୋଜଗାର କଲେ ତାହା ପଞ୍ଚାୟତିରାଜ ବିଭାଗର ୱେବ୍‌ସାଇଟରେ ପ୍ରକାଶ କରିବା, ଯେଉଁ ଅଧିକାରୀ ମାନେ ନିୟମ ଅନୁଯାୟୀ କାମ କରୁନାହାନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଆଦି ଦାବି ଦାବିପତ୍ରରେ ଉଲ୍ଲେଖ ରହିଛି। ଦାବିପତ୍ର ପ୍ରଦାନବେଳେ ଗାଁ ସାଥୀ(ମେଟ୍) ସଂଘର ସଭାପତି ନରୋତ୍ତମ ଉଲାକା, ବାଦଲ ରଣା, ଦାଶରଥି କୁଜୁରୁଙ୍କ ସମେତ ଅନ୍ୟ ସଦ୍ୟସ୍ୟମାନେ ଉପସ୍ଥିତ ଥିଲେ।

## ଗୁଣପୁର ପାଇଁ ନୂତନ ଅତିରିକ୍ତ ଏସ୍‌ପି ନିଯୁକ୍ତ

ଗୁଣପୁର,୩।୧୨(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଣପୁର ପାଇଁ ନୂତନ ଭାବେ ଅତିରିକ୍ତ ଏସ୍‌ପି ନିଯୁକ୍ତି ଦିଆଯାଇଛି। ଏ ନେଇ ପୋଲିସ ବିଭାଗ ପକ୍ଷରୁ ଶୁକ୍ରବାର ବିଜ୍ଞପ୍ତି ପ୍ରକାଶ ପାଇଛି। କେଉଁଝରର ସଦର ଡିଏସ୍‌ପି ଲଳିତ କୁମାର ପଟ୍ଟନାୟକଙ୍କୁ ଏଠାରେ ନିଯୁକ୍ତି ଦିଆଯାଇଛି। ତାଙ୍କୁ ପଦୋନ୍ନତି ମିଳିବା ପରେ ଗୁଣପୁର ଅତିରିକ୍ତ ଏସ୍‌ପି ଦାୟିତ୍ୱ ମିଳିଛି। ଗୁଣପୁର ଅତିରିକ୍ତ ଏସ୍‌ପିଙ୍କ କାର୍ଯ୍ୟସୀମା ନିର୍ଦ୍ଧାରଣ ନ ହେବା ପର୍ଯ୍ୟନ୍ତ ସେ ରାୟଗଡ଼ା ଜିଲା ମୁଖ୍ୟାଳୟଠାରେ ରହିବେ ବୋଲି ଜଣାପଡ଼ିଛି।

## କାମ ନ କରି ଟଙ୍କା ଉଠାଯାଇଥିବା ଅଭିଯୋଗ

ନବରଙ୍ଗପୁର,୩। ୧୨(ବି.ପ୍ର.)

**ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଜାଲିଆତିର ତଦନ୍ତ ଦାବି**

ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଶ୍ରମିକଙ୍କ ନାମରେ ବ୍ୟାପକ ଅର୍ଥ ତୋସରପାତ ହୋଇଥିବା ନେଇ ଅବିଭକ୍ତ କୋରାପୁଟ ଜିଲା ମୂଳନିବାସୀ ବିକାଶ ପରିଷଦ ଅଧକ୍ଷ ଚନ୍ଦ୍ରଧ୍ୱଜ ମାଝି ଅଭିଯୋଗ ଆଣିଛନ୍ତି। ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ ସଦର ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ମିଛି ବିଲ୍ କରି ୧୯୮ ହିତାଧିକାରୀଙ୍କ ଜବ୍‌କାର୍ଡ ମାଧ୍ୟମରେ ୧୨,୧୬,୫୮୨ଟଙ୍କା ଆତ୍ମସାତ୍ ହୋଇଥିବା ନେଇ ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ରତ୍ନାକର ସାହୁଙ୍କୁ ଜଣାଇଛନ୍ତି। ଏହାର ତଦନ୍ତକରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି।

କୋଷାଗୁମୁଡ଼ା ପଞ୍ଚାୟତରେ ୬ କାର୍ଯ୍ୟରେ ମିଥ୍ୟା ବିଲ୍ କରି ଟଙ୍କା ଆତ୍ମସାତ୍ କରାଯାଇଛି। ପଞ୍ଚାୟତର ଛେଳିପଦର ଗାଁରୁ ଠାକୁରାଣୀ ମନ୍ଦିର ରାସ୍ତାର (ୱାର୍କ କୋଡ୍ ନଂ. ୨୪୩୦୦୦୨୦୧୩/ ଆର୍‌ସି/୩୦୯୨୦୬୬) ଉନ୍ନତୀକରଣ କାମ ବାବଦକୁ ମିଥ୍ୟା ବିଲ୍ କରାଯାଇଛି। ଏହାର କାମ ନ ହୋଇ ଟଙ୍କା ଉଠାଯାଇଛି। ସେହିଭଳି ଜୁନାପାଣି ଗାଁରେ ଥିବା ଗୋରୁଘାଟ ପୋଖରୀ (ୱାର୍କ କୋଡ୍ ନଂ. ୨୪୩୦୦୦୨୦୧୩/ ଡବ୍ଲୁସି/୧୦୪୧୭୯୫୮)ର କାମ ନ ହୋଇ ଟଙ୍କା ଆତ୍ମସାତ୍ ହୋଇଛି। କୋଷାଗୁମୁଡ଼ା ପଞ୍ଚାୟତସ୍ଥିତ ଆଦର୍ଶ ବିଦ୍ୟାଳୟରେ କୌଣସି ଖେଳପଡ଼ିଆ ନିର୍ମାଣ କରାଯାଇନାହିଁ। ଏହାର ଅନୁସନ୍ଧାନ କରାଯାଇ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଦାବି ହୋଇଛି। କୋଷାଗୁମୁଡ଼ା ପଞ୍ଚାୟତର ସଦର ଗାଁରେ ଥିବା ଖେଳପଡ଼ିଆରେ କୌଣସି କାମ ହୋଇ ନ ଥିବା ବେଳେ ଜାହାଜଭଙ୍ଗା ପାଖରେ କୌଣସି ନୂତନ ପୋଖରୀ ଖୋଳାଯାଇ ନାହିଁ। ଏ ସବୁ କାମ କରାଯାଇଥିବା ଦର୍ଶାଇ ଟଙ୍କା ଉଠାଯାଇଛି। ଜାହାଜଭଙ୍ଗା ନିକଟରେ ଥିବା ଶାଳବଣର ସୁରକ୍ଷା ପାଇଁ କୌଣସି ନିର୍ମାଣ କରାଯାଇନାହିଁ। ଏ ସବୁ କାମରେ ଛେଳିପଦର ଶ୍ରମିକ ଏବଂ କୋଷାଗୁମୁଡ଼ାର ଜୁନାପାଣି ଗାଁ, ବଜରଗଡ଼ ଗାଁର ଶ୍ରମିକ କାମ କରିଛନ୍ତି। ଏହାର ଶ୍ରମିକମାନଙ୍କୁ ତାଙ୍କ ପାରିଶ୍ରମିକ ବାବଦକୁ ଟଙ୍କା ଦେବାକୁ କୋଷାଗୁମୁଡ଼ା କିମ୍ବା କୋଡ଼ିଙ୍ଗାରେ ଥିବା କୌଣସି ବ୍ୟାଙ୍କରେ ଖାତା ଖୋଲା ନ ଯାଇ ଉମରକୋଟ ବ୍ଲକରେ ବେହେଡା ଗ୍ରାମରେ ଥିବା ଗ୍ରାମ୍ୟବ୍ୟାଙ୍କରେ ଖାତା ଖୋଲାଯାଇଛି। ଉକ୍ତ ଖାତାରେ ଟଙ୍କା ଜମା ହୋଇଛି। ଜାଲିଆତିର ଅନୁସନ୍ଧାନ କରିବା ସହ ଦୋଷୀଙ୍କୁ ଭିଜିଲାନ୍ସ ଆଇନ ଅନୁଯାୟୀ ଦଣ୍ଡିତ କରିବାକୁ ଦାବି ହୋଇଛି। କାର୍ଯ୍ୟାନୁଷ୍ଠାନ ନ ହେଲେ ପରିଷଦ ଏହା ବିରୋଧରେ ରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବାକୁ ବାଧହେବ ବୋଲି ସେ ଜଣାଇଛନ୍ତି। ଅଭିଯୋଗର ନକଲ ଜିଲାପାଳ, ଏସ୍‌ପି, ପଞ୍ଚାୟତିରାଜ ସଚିବ, ଭିଜିଲାନ୍ସ ଡିଜିଙ୍କୁ ପ୍ରେରଣ କରାଯାଇଛି।

## ଶହୀଦ ମିନାରରେ ଉଡ଼ିଲା ୨୦ଫୁଟର ତ୍ରିରଙ୍ଗା



ଶହୀଦ ମିନାର ନିକଟରେ ଉଡ଼ାଯାଇଥିବା ତ୍ରିରଙ୍ଗା ତଳେ ଉପସ୍ଥିତ ଅତିଥିମାନେ।

ପାପଡ଼ାହାଣ୍ଡି,୩।୧୨(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ଶହୀଦ ମିନାର ପରିସରରେ ଶୁକ୍ରବାର ୨୦ଫୁଟ ଲମ୍ବର ତ୍ରିରଙ୍ଗା ପତାକାକୁ ଲୋକାର୍ପଣ କରାଯାଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ନବରଙ୍ଗପୁର ଏମ୍‌ପି ରମେଶ ମାଝି ମୁଖ୍ୟ ଅତିଥି, ଡାବୁଗାଁ ବିଧାୟକ ମନୋହର ରନ୍ଧାରି, ଜିଲା ପରିଷଦ ଅଧକ୍ଷା ଭଗବତୀ ଭତରା, ଜିଲାପାଳ କମଳ ଲୋଚନ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ଜାତୀୟ ସଂଗୀତ ଗାନ କରାଯାଇଥିଲା। ଶହେ ଫୁଟ ଉଚ୍ଚରେ ୩୦ଫୁଟ ଓସାର ଏବଂ ୨୦ଫୁଟ ଲମ୍ବର ତ୍ରିରଙ୍ଗା ପତାକା ଲାଗିଛି। ଏଥିପାଇଁ ଏମ୍‌ପି ନିଜ ପାଣ୍ଠିରୁ ଦଶ ଲକ୍ଷ ଟଙ୍କା ପ୍ରଦାନ କରିଥିଲେ। ଏଠାରେ ଆୟୋଜିତ ଏକ ବୈଠକରେ ଅତିଥିମାନେ ଶହୀଦଙ୍କ ବଳିଦାନର ଗାଥା କହିଥିଲେ। ଏହି ତ୍ରିରଙ୍ଗା ପତାକା ଦେଶପ୍ରେମ ଓ ସ୍ୱାଧୀନତା କଥା ମନେପକାଇବ। ଅନ୍ୟମାନଙ୍କ ମଧରେ ରାଜ୍ୟ ଶହୀଦ ସ୍ମୃତି କମିଟି ସଭାପତି ମନୋରଞ୍ଜନ ତ୍ରିପାଠୀ, ବ୍ଲକ ଶହୀଦ ସ୍ମୃତି କମିଟି ସଭାପତି ସୋମନାଥ ବିଷୋୟୀ, ପୂର୍ବତନ ଆଦିବାସୀ ବିକାଶ ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ, ମଞ୍ଜୁଳା ମାଝି ,ମା’ ଘର ଅଧକ୍ଷା କାଦମ୍ବିନୀ ତ୍ରିପାଠୀ, ବିଡିଓ ରଞ୍ଜିତା ମଲିକଙ୍କ ସମେତ ବହୁ ଲୋକଙ୍କ ସମାଗମ ହୋଇଥିଲା।

## ଜିଲା ପରିଷଦ ଉପାଧକ୍ଷାଙ୍କୁ ବିରୋଧ କରି ପୋଷ୍ଟର

ଡାବୁଗାଁ, ୩।୧୨ (ଡି.ଏନ୍.ଏ.)

ଆଗକୁ ଅଛି ପଞ୍ଚାୟତ ନିର୍ବାଚନ। ଏହାର ଉଷ୍ମତା ଧୀରେଧୀରେ ବଢ଼ିଲାଣି। ଡାବୁଗାଁ ଜିଲା ପରିଷଦ ଉପାଧକ୍ଷା ନିବେଦିତା ମହାନ୍ତିଙ୍କ ବିରୋଧ କରି ବିଭିନ୍ନ ସ୍ଥାନରେ ପୋଷ୍ଟର ଲଗାଯାଇଛି। ଉକ୍ତ ପୋଷ୍ଟରେ ନିବେଦିତା ମହାନ୍ତି ଗୋ ବ୍ୟାକ୍ ବୋଲି ଉଲ୍ଲେଖ କରାଯାଇଛି।

ନିବେଦିତାଙ୍କ ନିଜ ଘର ଝରିଗାଁ ବ୍ଲକରେ। ଗତ ନିର୍ବାଚନରେ ସେ ବିଜେଡିରୁ ଟିକଟ ପାଇ ଡାବୁଗାଁ ଜୋନ୍-୨ ଜିଲାପରିଷଦରୁ ନିର୍ବାଚିତ ହୋଇଥିଲେ। ଏବେ ନିବେଦିତାଙ୍କୁ ଡାବୁଗାଁ ବ୍ଲକରେ ବିରୋଧ ଆରମ୍ଭ ହୋଇଛି । ନିବେଦିତା ମହାନ୍ତି ଗୋବ୍ୟାକ୍। ଡାବୁଗାଁ ଛାଡ଼, ଝରିଗାଁ ଚାଲ ବୋଲି ଉକ୍ତ ପୋଷ୍ଟରରେ ଉଲ୍ଲେଖ କରାଯାଇ ଥିବା ପୋଷ୍ଟର ଶୁକ୍ରବାର ସକାଳେ ଦେଖିବାକୁ ମିଳିଛି। ଏନେଇ ଉପାଧକ୍ଷା ନିବେଦିତାଙ୍କୁ ପଚାରିବାରୁ ମୁଁ ଏ ବିଷୟରେ କିଛି ଜାଣିନାହିଁ। ସକାଳେ ଘଟଣା ସମ୍ପର୍କରେ ଅବଗତ ହେଲି। ଖଳ ପ୍ରକୃତିର ଲୋକ ଏଭଳି ପୋଷ୍ଟର ମାରି ମୋତେ ବଦନାମ କରିବାକୁ ପ୍ରୟାସ କରୁଛନ୍ତି ବୋଲି ସେ କହିଛନ୍ତି।




ଡାବୁଗାଁରେ ଲଗାଯାଇଥିବା ପୋଷ୍ଟର ।

## ଦିବ୍ୟାଙ୍ଗଙ୍କୁ ନ୍ୟୂନ ଭାବିବା ଅନୁଚିତ

କୋରାପୁଟ/ନବରଙ୍ଗପୁର/ କୋଷାଗୁମୁଡ଼ା, ୩।୧୨(ସ୍ୱ.ପ୍ର./ ବି.କ୍ର./ଡି.ଏନ୍.ଏ)

କୋରାପୁଟ ପ୍ରେସ କ୍ଲବ ପରିସରରେ ଶୁକ୍ରବାର ବିଶ୍ୱ ଦିବ୍ୟାଙ୍ଗ ଦିବସ ପାଳିତ ହୋଇଯାଇଛି। ରାଷ୍ଟ୍ରଦୀପ ପ୍ରସାର ସମିତି ଓ ରେସ୍‌ପଣ୍ଡ ଟ୍ରଷ୍ଟ ଆନୁକୁଲ୍ୟରେ ଆୟୋଜିତ ଉତ୍ସବରେ ଓଡିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଭାରପ୍ରାପ୍ତ କୁଳପତି ପ୍ରଫେସର ଶରତ କୁମାର ପାଲିତା ମୁଖ୍ୟବକ୍ତାଭାବେ ଯୋଗଦେଇ ଥିଲେ। ଦିବ୍ୟାଙ୍ଗମାନଙ୍କ ନିମନ୍ତେ ଆମ ଦୃଷ୍ଟିକୋଣରେ ପରିବର୍ତ୍ତନ ହୋଇଛି ବୋଲି ସେ କହିଥିଲେ। ସେମାନେ ନିଜକୁ ନ୍ୟୂନ ମନେ କରିବା ଅନୁଚିତ। ସମସ୍ତେ ସାମଗ୍ରିକ ଭାବରେ ଏକତ୍ରିତ ହୋଇ ବିକାଶ କରିବା ଉପରେ ସେ ଗୁରୁତ୍ୱରୋପ କରିଛନ୍ତି। ଏହି ଉତ୍ସବରେ ଦିବ୍ୟାଙ୍ଗ ଓ ଖବରଦାତାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। କାର୍ଯ୍ୟକ୍ରମରେ ଆଇଆରବି ଦୁର୍ଗପତି ପ୍ରଭାତ ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଦିବ୍ୟାଙ୍ଗମାନେ ସାଧାରଣ ଲୋକଙ୍କ ଭଳି ସମସ୍ତ କାର୍ଯ୍ୟ କରି ଆଗକୁ ବଢ଼ିପାରିବେ ବୋଲି ସେ କହିଛନ୍ତି। କୋରାପୁଟ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଦିଲୀପ କୁମାର ହିଆଲ, କୋରାପୁଟ ପ୍ରେସ୍ କ୍ଲବ ସଭାପତି ଭବାନୀ ଶଙ୍କର ମିଶ୍ର, ରେସ୍‌ପଣ୍ଡ ଟ୍ରଷ୍ଟର ଅଧ୍ୟକ୍ଷ ସ୍ୱସ୍ତି ସୁନ୍ଦର ସିୟା, ବାଦଲ କୁମା ଦା ପ୍ରମୁଖ ସମ୍ମାନୀତ ଅତିଥିଭାବେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଜଳେନ୍ଦ୍ର ତ୍ରୀପାଠୀ ପରିଚାଳନା କରିଥିବାବେଳେ ଆଇନଜୀବୀ ପିତାମ୍ବର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ନବରଙ୍ଗପୁର ଜିଲା ଆଇନ ସେବା ପ୍ରାଧୀକରଣ(ଡିଏଲ୍‌ଏସ୍) ଅଧକ୍ଷ ତଥା ଜିଲା ଜଜ୍ ସଞ୍ଜିବ ଦୁବେଙ୍କ ନିର୍ଦ୍ଦେଶ କ୍ରମେ ଡିଏଲ୍‌ଏସ ଓ ଜିଲା ପ୍ରଶାସନ ପକ୍ଷରୁ କୋଷଗୁମୁଡା ବ୍ଲକ ସମ୍ମିଳନୀ କକ୍ଷରେ ବିଶ୍ୱ ଦିବ୍ୟାଙ୍ଗ ଦିବସକୁ ନେଇ ଏକ ଆଇନ ସଚେତନା ଶିବିର ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ ଡିଏଲ୍‌ଏସ୍ ସମ୍ପାଦିକା ଅନ୍ନପୂର୍ଣ୍ଣା ନାୟକ ମଞ୍ଚାସୀନ ଥିଲେ। ଜିଲା ଆଇନ ସେବା ପ୍ରାଧିକରଣ ଦ୍ୱାରା ଦିବ୍ୟାଙ୍ଗମାନେ କିପରି ଉପକୃତ ହେବେ ସେ ନେଇ ବୁଝେଇଥିଲେ। ଜିଲା ସାମାଜିକ ଆଧିକାରୀ ସୁଧାଂଶୁ ପାତ୍ର, ମେଡ଼ିକାଲ ଅଫିସର ସୁକାନ୍ତ ଶତପଥୀ, ନିତ୍ୟାନନ୍ଦ ସାହୁ ଭାଗ ନେଇଥିଲେ। ଶେଷରେ ନିତ୍ୟାନନ୍ଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଦିବ୍ୟାଙ୍ଗଙ୍କୁ ପ୍ରମାଣପତ୍ର, ଟ୍ରାଇ ସାଇକେଲ ଓ ହିଅରିଙ୍ଗ ଏଡ ପ୍ରଦାନ କରଯାଇଥିଲା।





ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ଉପଲକ୍ଷେ କୋରାପୁଟ ଓ ନବରଙ୍ଗପୁରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ ।

## ସଂକ୍ଷେପରେ

### ଗଞ୍ଜେଇ ଚାଲାଣ ମାମଲାରେ ଫେରାର ଅଭିଯୁକ୍ତ ଗିରଫ

ଜୟପୁର, ୩।୧୨(ନି.ପ୍ର.)- ଗଞ୍ଜେଇ ଚାଲାଣ ମାମଲାରେ ଜୟପୁର ସଦର ପୋଲିସ ସ୍ଥାନୀୟ ଜୟନଗର ଅଞ୍ଚଳର ମହମ୍ମଦ ଇକବାଲଙ୍କୁ ଗିରଫ କରିଛି। ସେ ଘଟଣା ଦିନଠାରୁ ଫେରାର ଥିଲେ। ଗଞ୍ଜେଇ ଚାଲାଣ ହେଉଥିବା ନେଇ ଜୁଲାଇ ୨ରେ ଜୟପୁର ପୋଲିସ ଖବର ପାଇଥିଲା। ଥାନାଧିକାରୀ ଆଦିତ୍ୟ ମହାକୁଡ ଜୟପୁର ସଦର ଥାନ ବାମୁଣି ଗାଁରେ ଚଡାଉ କରି ଏକ ପିକ୍‌ଅପ୍ (ଓଆର୍-୧୦ଏ-୯୭୯)ରୁ ୧ ହଜାର ୨୪୩ କେଜି ଗଞ୍ଜେଇ ସହ ପିସ୍ତଲ ଜବତ କରିଥିଲେ। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୧ କୋଟି ୨୦ ଲକ୍ଷ ଟଙ୍କା। ଅନ୍ଧାରର ସୁଯୋଗ ନେଇ ସେଠାରେ ଥିବା ୧୦ ଅଭିଯୁକ୍ତଙ୍କ ମଧ୍ୟରୁ ୮ଜଣ ଫେରାର ହୋଇଯାଇଥିଲେ। ପୋଲିସ କୋରାପୁଟ ନନ୍ଦପୁର ପେଟା ଗ୍ରାମର ପ୍ରଦିପ ପ୍ରଧାନ (୨୮) ଓ ଜୟପୁର ଜୟନଗର ଅବିନାଶ ମହାରଣା (୨୩)ଙ୍କୁ ଗିରଫ କରିଥିଲା। ଜୟପୁର ଜୟନଗର ମହମ୍ମଦ ଇକବାଲଙ୍କ ସମେତ ୭ଜଣ ଫେରାର ଥିଲେ। ଗାନ୍ଧୀ ଛକ ନିକଟରେ ମହମ୍ମଦ ଇକବାଲ ଶୁକ୍ରବାର କାରରେ ଆସୁଥିବାବେଳେ ଜୟପୁର ସଦର ପୋଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

### ଯୁବକଙ୍କ ଆତ୍ମହତ୍ୟା

କୋରାପୁଟ,୩।୧୨(ସ୍ୱ.ପ୍ର.)- କୋରାପୁଟ ସହରର ମେଘରାଜ ବିଲଡର ଅଞ୍ଚଳରେ ଶୁକ୍ରବାର ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ କୋରାପୁଟ ଜିଲା ଦଶମନ୍ତପୁର ଥାନା ଆମ୍ବିଲିଆମ୍ବଗୁଡା ଗ୍ରାମର ଜିତେନ୍ଦ୍ର ପାଢ଼ୀ (୨୫)। ଜିତେନ୍ଦ୍ର କିଛି ଦିନ ହେବ କୋରାପୁଟ ଆସି ମେଘରାଜ ବିଲଡର ଅଞ୍ଚଳରେ ରହୁଥିଲେ। ଶୁକ୍ରବାର ସେ ଦଉଡି ଦେଇ ଆତ୍ମହତ୍ୟା କରିଥିବା ଖବରପାଇ କୋରାପୁଟ ଟାଉନ ଥାନା ପୋଲିସ ସବ୍‌ଇନ୍ସପେକ୍ଟର ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି। ଏନେଇ ଟାଉନ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଥିବା ଜଣାପଡିଛି।

### ଟ୍ରାନ୍ସଫର୍ମର ଚୋରି ଉଦ୍ୟମ

ପାପଡାହାଣ୍ଡି,୩।୧୨(ଡି.ଏନ୍.ଏ.) ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ଡକରାଗୁଡା ଗ୍ରାମରେ ଗୁରୁବାର ବିଳମ୍ବିତ ରାତ୍ରରେ ଟ୍ରାନ୍ସଫର ଚୋରି ଉଦ୍ୟମ ହୋଇଥିବା ଏସଡ଼ିଓ ନବୀନ ପାଢ଼ୀ ଥାନାରେ ଏତଲା ଦେଇଛନ୍ତି। ସୂଚନା



ମୁତାବକ ଗୁଡୁମାରୀ ସାହିରେ ଲାଗିଥିବା ଟ୍ରାନ୍ସଫରଟିକୁ ଦୁର୍ବୃତ୍ତମାନେ ଚୋରି କରିବାକୁ ଉଦ୍ୟମ କରିଥିଲେ । ବିଦ୍ୟୁତ ଖୁଣ୍ଟରୁ ଟ୍ରାନ୍ସଫର୍ମର ଓହ୍ଲାଇ ଟ୍ରାନ୍ସଫର୍ମର ଭିତରେ ଥିବା ମୂଲ୍ୟବାନ ଯନ୍ତ୍ରାଂଶ କାଢ଼ିବା ସମୟରେ ଗ୍ରାମବାସୀ ଜାଣିବାକୁ ପାଇ ପାଟି କରିଥିଲେ। ଦୁର୍ବୃର୍ତ୍ତମାନେ ଚୋରି କରିନପାରି ଟ୍ରାନ୍ସଫର ଛାଡି ପଳାଇଥିଲେ। ବର୍ତ୍ତମାନ ଗ୍ରାମଟି ଅନ୍ଧକାର ରହିଛି। ଅଂଚଳରେ ଟ୍ରାନ୍ସଫର ଚୋରି କିଛି ନୂଆ କଥା ହୋଇନଥିବା ବେଳେ, ସାଧାରଣ ଜନତା ଏଥିରେ ହିନସ୍ଥା ହେବା ଦେଖିବାକୁ ମିଳିଛି ।

# ବିଏଡ୍ ଶିକ୍ଷକଙ୍କୁ ସ୍ଥାନାନ୍ତର କରି ଚୁପ୍ ବସୁଛି ଶିକ୍ଷା ବିଭାଗ

**କୁନ୍ଦୁରା ବ୍ଲକରୁ ୨୦ ଶିକ୍ଷକଙ୍କୁ ବଦଳି କରାଯାଇଛି**

କୁନ୍ଦୁରା, ୩।୧୨(ଡି.ଏନ୍.ଏ.)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ। ଏଠାରେ ଶିକ୍ଷାର ବିକାଶ ପାଇଁ ସରକାର ଚେଷ୍ଟା କରୁଛନ୍ତି। କିନ୍ତୁ ଜିଲା ଶିକ୍ଷା ବିଭାଗ ଏଠାରୁ ବିଏଡ୍ ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କରୁଛି। ସେମାନଙ୍କ ସ୍ଥାନରେ ନୂତନ ଶିକ୍ଷକ ଅଣାଯାଉନାହାଁନ୍ତି। କେତେକ ସ୍ଥାନରେ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକଙ୍କୁ ହାଇସ୍କୁଲଗୁଡ଼ିକରେ ଡେପୁଟେଶନରେ ଆଣି ଶିକ୍ଷା ବିଭାଗ ଚୁପ୍ ବସିଯାଉଛି। ଏହାଦ୍ୱାରା ବ୍ଲକରେ ଶିକ୍ଷା ବ୍ୟବସ୍ଥା ଭୁଶୁଡ଼ିବାରେ ଲାଗିଛି ବୋଲି ଅଭିଭାବକମାନେ କହିଛନ୍ତି।

କୁନ୍ଦୁରା ବ୍ଲକ ଅଧୀନରେ ୧୦୪ ପ୍ରାଥମିକ, ୩୮ଟି ଉଚ୍ଚ ପ୍ରାଥମିକ ଏବଂ ୧୩ ହାଇସ୍କୁଲ ରହିଛି। ୧୩ ହାଇସ୍କୁଲ ମଧ୍ୟରୁ କେରିମିଟି ଉଚ୍ଚ ବିଦ୍ୟାଳୟରୁ ୩ ବିଏଡ୍ ଶିକ୍ଷକ, ରାଣୀଗୁଡ଼ା ସ୍କୁଲରୁ ୨ଏବଂ ଖଟଲାପଦର ଉଚ୍ଚ ବିଦ୍ୟାଳୟରୁ ଜଣେ ଶିକ୍ଷକଙ୍କୁ ବଦଳି କରାଯାଇଛି। ଏବେ ପର୍ଯ୍ୟନ୍ତ କିନ୍ତୁ ଉକ୍ତ ସ୍ଥାନ ପୂରଣ କରାଯାଇ ନାହିଁ। ସେହିଭଳି ଅନ୍ୟ କେତେକ ସ୍କୁଲରୁ ଶିକ୍ଷକଙ୍କୁ ନିଆଯାଇ ସେମାନଙ୍କ ସ୍ଥାନରେ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକମାନଙ୍କୁ ଡେପୁଟେଶନରେ ଆଣି ଜିଲା ଓ ବ୍ଲକ ଶିକ୍ଷା ବିଭାଗ ଚୁପ୍ ବସିଛି। ସେହିଭଳି କୁନ୍ଦୁରା ବ୍ଲକର ଉପାନ୍ତ ଅଞ୍ଚଳ ଭାବେ ପରିଗଣିତ ହେଉଥିବା ନବଗଠିତ ଗାଡ଼ଗୁଣ୍ଡାଲ ବିଦ୍ୟାଳୟରେ ଜଣେ ହେଲେ ମଧ ବିଏଡ୍ ଶିକ୍ଷକ ନାହାନ୍ତି। ସେଠାରେ କିଭଳି ଶିକ୍ଷାଦାନ ଚାଲିଥିବା ତାହା ସହଜେ ଅନୁମେୟ। ବ୍ଲକରୁ ୨୦ଜଣ ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କରାଯାଇଛି। ବର୍ତ୍ତମାନ ସମୟରେ ଷଷ୍ଠ ଏବଂ ସପ୍ତମ ଶ୍ରେଣୀ ପରୀକ୍ଷା ଚାଲିଥିବା ବେଳେ ପ୍ରଶାସନର ଏଭଳି କାର୍ଯ୍ୟକୁ ଅଭିଭାବକ ନିନ୍ଦା କରିଛନ୍ତି। ଶିକ୍ଷକମାନଙ୍କୁ ତୁରନ୍ତ ଫେରାଇ ଆଣିବା ପାଇଁ ଅଭିଭାବକମାନେ ଅଡ଼ି ବସିଛନ୍ତି। ଜିଲା ଶିକ୍ଷା ବିଭାଗ ନିକଟରେ କେଉଁ ବିଦ୍ୟାଳୟରେ କେତେଜଣ ଶିକ୍ଷକ ରହିଛନ୍ତି, କେତେ ପଦବୀ ଖାଲି ଅଛି ତା'ର ସମସ୍ତ ତଥ୍ୟ ରହିଛି। କିନ୍ତୁ କୁନ୍ଦୁରା ବ୍ଲକରେ ଶିକ୍ଷକ ପଦବୀ ପୂରଣ କରାଯାଉ ନ ଥିବା ଶିକ୍ଷାବିତ୍ ଏବଂ ଶିକ୍ଷାପ୍ରେମୀମାନେ କ୍ଷୋଭର ସହ କହିଛନ୍ତି।

ଜିଲାସ୍ତରରେ ସରକାରୀ ଭାବେ ବଦଳି ହେଉଥିବା ଯୋଗୁଁ ବର୍ତ୍ତମାନ ସୁଦ୍ଧା ସମସ୍ତ ଶିକ୍ଷକ ଯୋଗ ଦେଇନାହନ୍ତି। ସମସ୍ତେ ଯୋଗ ଦେବା ପରେ ସଠିକ୍ ତଥ୍ୟ ହସ୍ତଗତ ହୋଇପାରିବ ବୋଲି ବ୍ଲକ ଶିକ୍ଷା ଅଧିକାରୀ ସୁଧିର ରଥ କହିଛନ୍ତି। ଏହାକୁ ନେଇ ଜିଲା ଶିକ୍ଷାଧିକାରୀ ରାମଚନ୍ଦ୍ର ନାହକଙ୍କୁ ପଚାରିବାରୁ ସରକାରୀ ନିୟମାନୁଯାୟୀ ଅନଲାଇନ୍‌ରେ ଆବେଦନ କରିଥିବା ଶିକ୍ଷକଙ୍କୁ ବଦଳି କରାଯାଇଛି। ପ୍ରତି ୬ବର୍ଷ ପରେ ଜଣେ ନିୟମିତ ଶିକ୍ଷକ ବଦଳି ହେବାର ନିୟମ ରହିଥିବା ବେଳେ ସେମାନେ ନିଜ ଇଚ୍ଛୁକ ସ୍ଥାନକୁ ଯାଇ ପାରିବେ। ଅଗାମୀ ଦିନରେ ନୂତନ ଭାବେ ନିଯୁକ୍ତି ଦିଆଗଲେ ଉକ୍ତ ଖାଲି ପଡିଥିବା ପଦବୀ ପୂରଣ କରାଯିବ ବୋଲି ସେ କହିଛନ୍ତି।

## ଦୁର୍ନୀତି ହଟାଇ ଅସହାୟଙ୍କୁ ସହଯୋଗ କରିବାକୁ ଶପଥ



ଦଶମନ୍ତପୁର, ୩।୧୨(ଡି.ଏନ୍.ଏ.) କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ସ୍ଥିତ ସାଇ କଲ୍ୟାଣ ମଣ୍ଡପରେ ଶୁକ୍ରବାର ସର୍ବ ଭାରତୀୟ ମାନବିକ ଅଧିକାର ସଂଗଠନ ପକ୍ଷରୁ ଏକ ବୈଠକ କରାଯାଇଛି। ସଙ୍ଗଠନର ବ୍ଲକ ଶାଖା ସଭାପତି ଅରୁଣ କୁମାର ଚେଟ୍ଟିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ବୈଠକରେ ଜିଲା ସଭାପତି ଏଲ୍.ପ୍ରଦୀପ ପାତ୍ରୋ, ଜିଲା ଉପସଭାପତି ଡ଼ାକ୍ତର ରାଜେନ୍ଦ୍ର କୁମାର ପାତ୍ର, ସମ୍ପାଦକ ମନୋଜ ପାତ୍ର, ଆନ୍ତର୍ଜାତୀୟ ନିର୍ଦ୍ଦେଶକ ଡ଼ାକ୍ତର ଶିବ ନାରାୟଣ ପାତ୍ର, ଓଡ଼ିଶାର ପୋଜିସନ୍ ସେକ୍ରେଟାରୀ ନାରାୟଣ ବିଶୋଇ ଏବଂ ଦଶମନ୍ତପୁର ବ୍ଲକ ସଂପାଦକ ଭୁବନ ସୁବୁଦ୍ଧି ଉପସ୍ଥିତ ଥିଲେ। ଆମେ ଏକତ୍ରିତ ହୋଇ ଜନସାଧାରଣଙ୍କ ମାନବ ଅଧିକାରକୁ ତାଙ୍କ ନିକଟରେ ପହଞ୍ଚାଇ ଦୁର୍ନୀତି ହଟାଇବା ବୋଲି ଅତିଥିମାନେ କହିଥିଲେ। ଦୁର୍ନୀତିଗ୍ରସ୍ତ କର୍ମୀଙ୍କୁ ସଙ୍ଗଠନରୁ ବହିଷ୍କାର କରାଯିବ ବୋଲି ମୁଖ୍ୟ ଅତିଥି କହିଥିଲେ। ଅସହାୟଙ୍କୁ ସହଯୋଗ ଏବଂ ଦୁର୍ନୀତି ହଟାଇବା ପାଇଁ କମିଟିର ସମସ୍ତ ସଦସ୍ୟଙ୍କୁ ଶପଥ ପାଠ କରାଯାଇଛି। ଦଶମନ୍ତପୁର କମିଟି ସମ୍ପାଦକ ଭୁବନ ସୁବଦ୍ଧି ଧନ୍ୟବାଦ ଅର୍ପଣ କରିଥିଲେ।

# ମଣ୍ଡିରେ ସିସିଟିଭି ଲଗାଇ ଧାନ ବିକ୍ରିର ରେକର୍ଡ କରାଯାଉ

- ବ୍ଲକ କୃଷକ ମହାସଂଘ ବୈଠକ
- ଜିଲାପାଳଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ଦାବିପତ୍ର

ଡାବୁଗାଁ,୩।୧୨(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦରମହକୁମାସ୍ଥିତ ହାଟପଦାରେ ଡାବୁଗାଁ କୃଷକ ମହାସଂଘ ପକ୍ଷରୁ ଏକ ବୈଠକ ସଭାପତି ସତ୍ୟ ରଞ୍ଜନ ପାତ୍ରଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ହୋଇଛି। ବୈଠକରେ ଚାଷୀମାନଙ୍କର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଛି। ପରେ ୧୧ ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ନବରଙ୍ଗପୁର ଜିଲାପାଳ କମଳ ଲୋଚନ ମିଶ୍ରଙ୍କ ଉଦ୍ଦେଶ୍ୟରେ ଡାବୁଗାଁ ତହସିଲଦାରଙ୍କୁ ପ୍ରଦାନ କରାଯାଇଛି।

କୃଷକ ମହାସଂଘର ୫ ଜଣ ସଦସ୍ୟଙ୍କୁ ମଣ୍ଡି ସ୍ଥାନରେ ବସିବା ପାଇଁ ଅନୁମତି ପ୍ରଦାନ, ମଣ୍ଡିରେ କୁଇଣ୍ଟାଲ ପ୍ରତି ୫-୬ କିଲୋ ଧାନ କାଟିବା ବନ୍ଦ କରିବା, ମଣ୍ଡିରେ ଧାନ ବିକ୍ରି ନିମନ୍ତେ ୭ ଦିନ ପୂର୍ବରୁ ଟୋକେନ୍ ବଣ୍ଟନ କରିବା, ଧାନ ମଣ୍ଡିରେ ସିସିଟିଭି ଲଗାଇ ବିକ୍ରିକୁ ରେକର୍ଡ କରିବା, ନକଲି ଚାଷୀ ପ୍ରମାଣପତ୍ର ଦେଖାଇ ବେଆଇନ ଧାନ ବିକ୍ରି କରିଥିବା ଲୋକଙ୍କୁ ଚିହ୍ନଟ କରି ଆଇନ ଅନୁଯାୟୀ ପଦକ୍ଷେପ ନେବାକୁ ଦାବି ହୋଇଛି। ଚାଷୀଙ୍କୁ ସରକାରଙ୍କ ଦ୍ୱାରା ମିଳୁଥିବା ସୁବିଧାକୁ ମଣ୍ଡିରେ ବ୍ୟାନର ଲଗାଇ ଓ କୃଷକ ମହାସଂଘକୁ ଲିଖିତ ଆକାରରେ ଜଣାଇବା, ପ୍ରତ୍ୟକ ପଞ୍ଚାୟତସ୍ତରରେ ଧାନମଣ୍ଡି ଖୋଲିବା ନିମନ୍ତେ ପଦକ୍ଷେପ ନେବା, ଭାଗଚାଷୀଙ୍କ ତାଲିକା କୃଷକ ମହାସଂଘ କମିଟିକୁ ପ୍ରଦାନ କରିବାକୁ ଦାବି ହୋଇଛି। ଡାବୁଗାଁ ବ୍ଲକ ମଧ୍ୟରେ ସମସ୍ତ ଚାଷୀଙ୍କୁ ଦଖଲ ଚାଷ ଜମିର ପଟ୍ଟା ଶୀଘ୍ର ପ୍ରଦାନ କରିବାକୁ ଉକ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି। ଦାବିପତ୍ର ପ୍ରଦାନବେଳେ ଉପସଭାପତି ରାଜେନ୍ଦ୍ର ମିଶ୍ର, ସମ୍ପାଦକ ଦେବୀ ପ୍ରସାଦ ରଥ, ଉପଦେଷ୍ଟା ରାଜେଶ ଯାନୀ, ତରଣୀ ରେଲି, ଘାସିରାମ ସିଂ, ସମୀର ମିଞ୍ଜ, ଚୈତନ୍ୟ ଭତ୍ରା, ଜଗଦୀଶ ମାଝି, ପୀତମ ଭତ୍ରା, ଯୁଧିଷ୍ଠିର ତନ୍ତି, ଦେବେନ୍ଦ୍ର କଲାର, ଅଜୟ କଶ୍ୟପ, ଟମନ ବିଶୋଇଙ୍କ ସମେତ ୧୦୦ରୁ ଊର୍ଦ୍ଧ୍ୱ ଚାଷୀ ଉପସ୍ଥିତ ଥିଲେ।



ବୈଠକରେ କୃଷକ ମହାସଂଘର ନେତା ଓ ଚାଷୀମାନେ।

# ୟୁପିଏଲ୍ ଟ୍ରଫି ହାତେଇଲା ଝାରସୁଗୁଡା

ଉମରକୋଟ, ୩।୧୨(ସ୍ୱ.ପ୍ର.)



ଅତିଥିଙ୍କ ଗହଣରେ ଖେଳାଳିମାନେ।

ଉମରକୋଟ ପ୍ରିମିୟର ଲିଗ-୩ କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ଉମରକୋଟ ବଜରଙ୍ଗୀ୧୧ ଓ ଝାରସୁଗୁଡ଼ା ମଧ୍ୟରେ ଖେଳାଯାଇଥିବା ଫାଇନାଲ ମ୍ୟାଚରେ ଝାରସୁଗୁଡ଼ା ବିଜୟୀ ହୋଇଛି।

ଉମରକୋଟ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୭ଉଇକେଟ ହରାଇ ୧୨୬ ରନ କରିଥିଲା। ଜବାବରେ ଝାରସୁଗୁଡା ଦଳ ୧୫.୪ ଓଭରରେ ୫ ଉଇକେଟ ହରାଇ ୧୩୦ ରନ କରିଥିଲା। ୨ ଉଇକେଟ ନେଇ ୧୦ ବଲରେ ୨୭ ରନ କରିଥିବା ଝାରସୁଗୁଡାର ରାଜେଶ୍ୱର ସିଂ ଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ଦିଆଯାଇଛି। ଏମ୍‌ପି ରମେଶ ଚନ୍ଦ୍ର ମାଝି ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଜୟୀ ଦଳକୁ ୫୫,୫୫୫ ଟଙ୍କା ଓ ଟ୍ରଫି ପ୍ରଦାନ କରିଥିଲେ। ସେହିପରି ରନର୍ସଅପ୍ ଉମରକୋଟ ବଜ୍ରରଙ୍ଗୀ ଦଳକୁ ଟ୍ରଫି ସହ ୩୩,୩୩୩ ନଗଦ ରାଶି ପ୍ରଦାନ କରାଯାଇଛି। ଉମରକୋଟ ବଜରଙ୍ଗୀ ଦଳର ଥବିର ନାୟକଙ୍କୁ ମ୍ୟାନ୍ ଅଫ୍ ଦି ସିରିଜ ଟ୍ରଫି ସହ ନଗଦ ୫୦୦୦ ଟଙ୍କା ପ୍ରଦାନ କରାଯାଇଛି। ଶ୍ରେଷ୍ଠ ବ୍ୟାଟର ଭାବେ ପୂର୍ଣ୍ଣ ମାଝି, ବିନୟ କୁମାର ଶ୍ରେଷ୍ଟ ବୋଲର, ଶ୍ରେଷ୍ଠ ଉଇକେଟ କିପର ସୁରିନ୍ଦର୍, ବେଷ୍ଟ ଫିଲ୍‌ଡରଭାବେ ଶିବା ହରିଜନଙ୍କୁ ସମ୍ମାନିତ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଏମ୍‌ପିଙ୍କ ପ୍ରତିନିଧି ପ୍ରମୋଦ ପାଢ଼ୀ, ଜିଲା ପରିଷଦ ଉପାଧ୍ୟକ୍ଷା ନିବେଦିତା ମହାନ୍ତି, ଅଧ୍ୟାପକ ରମେଶ ଚନ୍ଦ୍ର ପଟ୍ଟନାୟକ, ତପନ ଦେବନାଥ, ଅଜିତ କୁମାର ପ୍ରଧାନ, ନଗର ବିଜେଡି ସଭାନେତ୍ରୀ ରଶ୍ମୀ ସାନ୍ତ୍ରା, କମିଟି ମୁଖ୍ୟ ସୁଧାଂଶୁ ଦାସ, ଦୁର୍ଗା ପ୍ରସାଦ ମଲିକ ଓ ଚନ୍ଦନା ମଲିକ ପ୍ରମୁଖ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଛନ୍ତି।

## ଆକ୍ରମଣ ଅଭିଯୋଗରେ ୩ ଗିରଫ

ଭଞ୍ଜନଗର,୩।୧୨(ଡି.ଏନ.ଏ)

ତାରସିଂ ପୋଲିସ ତୋଲଡ଼ିର ଏକ ହତ୍ୟା ଉଦ୍ୟମ ମାମଲାରେ ଶୁକ୍ରବାର ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଗୋକୁଳ ନାୟକ, କାଳିଆ ନାୟକ, ଅର୍ଜୁନ ନାୟକ। ଗ୍ରାମର ସୁରଥ ନାୟକଙ୍କୁ ଅଭିଯୁକ୍ତମାନେ ଗତ ୩୦ ତାରିଖରେ ଆକ୍ରମଣ କରିଥିଲେ। ଏ ନେଇ ପୋଲିସ ନଂ.୩୨୮/୨୧ରେ ଏକ ମାମଲା ରୁଜୁ କରିଛି।

# ଚିତ୍ରକୋଣ୍ଡାରେ ଗଡ଼ିଲା ମାଣ୍ଡିଆ ପ୍ରଚାର ରଥ

ଚିତ୍ରକୋଣ୍ଡା,୩।୧୨(ଡି.ଏନ୍.ଏ.)–

ମାଲକାନଗିରି ଜିଲା ଚିତ୍ରକୋଣ୍ଡାଠାରେ ଶିଶୁ ଓ ମହିଳା କଲ୍ୟାଣ ସମିତି ଆନୁକୂଲ୍ୟରେ ଜିଲା କୃଷି ବିଭାଗ, ୱାସନ ଅନୁଷ୍ଠାନ ଓ ଆତ୍ମା ସହାୟତାରେ ମିଲେଟ ମିଶନ କାର୍ଯ୍ୟକ୍ରମ ମାଧ୍ୟମରେ ମାଣ୍ଡିଆ ପ୍ରଚାର ରଥ ଶୁଭାରମ୍ଭ ହୋଇଛି। ଚିତ୍ରକୋଣ୍ଡା କୃଷି କାର୍ଯ୍ୟାଳୟଠାରେ ଚିତ୍ରକୋଣ୍ଡା କୃଷି କାର୍ଯ୍ୟାଳୟର ବିଇଓ ପରମେଶ୍ୱର ଜେନା, ଶିଶୁ ଓ ମହିଳା କଲ୍ୟାଣ ସମିତିର କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାସ ଚନ୍ଦ୍ର ପଣ୍ଡା ଏବଂ କୃଷି ବିଭାଗର ଅଧିକାରୀଙ୍କ ଉପସ୍ଥିତିରେ ରଥ ଶୁଭାରମ୍ଭ ହୋଇଛି। ସରକାର ମଣ୍ଡି ମାଧ୍ୟମରେ ଚାଷୀଙ୍କଠାରୁ ମାଣ୍ଡିଆ କିଣିବେ, ମାଣ୍ଡିଆ କେଜି ପିଛା ଚାଷୀଙ୍କୁ ୩୩.୭୭ ଟଙ୍କା ହିସାବରେ କୁଇଣ୍ଟାଲ ପ୍ରତି ୩୩୭୭ ଟଙ୍କା ଚାଷୀଙ୍କ ଆକାଉଣ୍ଟକୁ ପଠାଯିବ। ଏ ନେଇ ସ୍ଥାନୀୟ ଚିତ୍ରକୋଣ୍ଡା ଅଞ୍ଚଳରେ ଶିଶୁ ଓ ମହିଳା କଲ୍ୟାଣ ସମିତି ଦ୍ୱାରା ମିଲେଟ ମିଶନ କାର୍ଯ୍ୟ କରୁଥିବା ପଞ୍ଚାୟତମାନଙ୍କରେ ରଥ ବୁଲି ଡାକବାଜି ଯନ୍ତ୍ର ମାଧ୍ୟମରେ ଚାଷୀଙ୍କୁ ମାଣ୍ଡିଆ ମଣ୍ଡିରେ ବିକ୍ରି କରି ଲାଭବାନ ହେବାକୁ ସଚେତନ କରାଯାଇଛି। ଚିତ୍ରକୋଣ୍ଡା ଉପାନ୍ତ ଅଞ୍ଚଳରେ ବହୁଳ ପରିମାଣରେ ମାଣ୍ଡିଆ ଚାଷ କରିଥିବାରୁ ସରକାର ତଥା ଜିଲା ପ୍ରଶାସନ ଅଧିକରୁ ଅଧିକ ମାଣ୍ଡିଆ କିଣିବାକୁ ଲକ୍ଷ୍ୟ ରଖିଛନ୍ତି। କାର୍ଯ୍ୟକ୍ରମକୁ ମିଲେଟ ମିଶନ ପ୍ରକଳ୍ପ ସଂଯୋଜକ ତପନ କୁମାର ରଥ, ଦୀପକ ପାଙ୍ଗୀ, ଲବକୁଶ ଖେମୁଡୁ ଓ ତ୍ରିନାଥ ଖେମୁଡୁ ପରିଚାଳନା କରିଥିଲେ।



ଅଧିକାରୀମାନେ ମାଣ୍ଡିଆ ରଥ ଶୁଭାରମ୍ଭ କରୁଛନ୍ତି।

# ଦିବ୍ୟାଙ୍ଗଙ୍କୁ ଡିଜିଟାଲ ପରିଚୟ ପତ୍ର, ଉପକରଣ ପ୍ରଦାନ

**ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ**

ମାଲକାନଗିରି/କାଲିମେଳା, ୩।୧୨(ଡି.ଏନ୍.ଏ.)

ମାଲକାନଗିରି ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଅଧିକାରୀ ପଦ୍ମରଞ୍ଜନ ଦାସଙ୍କ ଅଧ୍ୟକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ବିରସେନ ପ୍ରଧାନ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଦିବ୍ୟାଙ୍ଗମାନେ ସାଧାରଣ ଲୋକଙ୍କ ତୁଳନାରେ କୌଣସି ଗୁଣରେ କମ୍ ନୁହଁନ୍ତି ବୋଲି କହିଛନ୍ତି। ଏଥିସହ କେନ୍ଦ୍ର ସରକାରଙ୍କ ଆଜାଦୀ କା ଅମ୍ରିତ୍ ମହୋତ୍ସବ ଉପଲକ୍ଷେ ମାଲକାନଗିରି ପୌର ପରିଷଦ, ମାଲକାନଗିରି ବ୍ଲକରେ ଚିହ୍ନଟ ହୋଇଥିବା ୧୯ ଦିବ୍ୟାଙ୍ଗଙ୍କୁ ତିନି ଚକିଆ ସାଇକେଲ, ୨୧ ଦିବ୍ୟାଙ୍ଗଙ୍କୁ ଡିଜିଟାଲ ପରିଚୟ ପତ୍ର ଏବଂ ୭ଜଣଙ୍କୁ ଶ୍ରବଣ ଯନ୍ତ୍ର ପ୍ରଦାନ କରାଯାଇଛି। ସେହିପରି ମାଲକାନଗିରି ବ୍ଲକ ପରିସରରେ ବିଡିଓ ଅଜୟ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ଓ ଆଜାଦୀ କା ଅମ୍ରିତ୍ ମହୋତ୍ସବ ପାଳନ କରାଯାଇ ୧୬ ଭିନ୍ନକ୍ଷମଙ୍କୁ ଚିହ୍ନଟ କରାଯାଇ ଭତ୍ତା ପ୍ରଦାନ କରାଯାଇଛି। ଜିଲାର ଖଇରପୁଟ ବ୍ଲକ ଗୋବିନ୍ଦପାଲ୍ଲୀ, ମାଥିଲି, କୋରୁକୋଣ୍ଡା, କାଲିମେଳା, ପଡ଼ିଆ, ଚିତ୍ରକୋଣ୍ଡା ବ୍ଲକ ପରିସରରେ ମଧ ବିଭାଗ ତରଫରୁ ଏହି କାର୍ଯ୍ୟକ୍ରମ ହୋଇଛି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଉପଖଣ୍ଡୀୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ଅଧିକାରୀ ସସ୍ମିତା ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

କାଲିମେଲା ବ୍ଲକ କାର୍ଯ୍ୟାଳୟ ପରିସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ବ୍ଲକ ଅଧ୍ୟକ୍ଷ ମାଲା ମାଡ଼ି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୋଗଦେଇଥିବାବେଳେ ଭାରପ୍ରାପ୍ତ ଏବିଡିଓ ବସନ୍ତ କୁମାର ବେହେରା, କାଲିମେଲା ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଏମ୍. ଅବିଦ୍ ହୁସେନ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଉପସ୍ଥିତ ରହି ଦିବ୍ୟାଙ୍ଗମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ସାମାଜିକ ସଶକ୍ତୀକରଣ ବିଭାଗ ପକ୍ଷରୁ ପଞ୍ଜୀକୃତ ଦିବ୍ୟାଙ୍ଗମାନଙ୍କୁ ଡିଜିଟାଲ ପରିଚୟ ପତ୍ର ପ୍ରଦାନ କରାଯାଇଥିଲା। ଏହି ଅବସରରେ ଅନେକ ହିତାଧିକାରୀଙ୍କୁ ପେନ୍‌ସନ ଓ ଅନ୍ୟ ସୁବିଧା ମଧ୍ୟ ପ୍ରଦାନ କରାଯାଇଛି। ବିଏସ୍‌ଏସ୍‌ଓ ଦେଶା କାମରାମ ଓ ରାଜୁ ଜାଲ୍‌ଦାର ଉପସ୍ଥିତ ଥିଲେ।



ମାଲକାନଗିରିରେ ଦିବ୍ୟାଙ୍ଗମାନଙ୍କୁ ବିଭିନ୍ନ ଉପକରଣ ଦିଆଯାଇଛି ।

## ସ୍ୱାସ୍ଥ୍ୟକର୍ମୀ ଘରକୁ ଘର ଯାଇ ସ୍ୱାସ୍ଥ୍ୟ ପରୀକ୍ଷା କରନ୍ତୁ

ମୁନିଗୁଡ଼ା,୩।୧୨(ଡି.ଏନ୍.ଏ.)–

ରାୟଗଡ଼ା ଜିଲା ମୁନିଗୁଡ଼ା ଅଞ୍ଚଳରେ ଅଧିକାଂଶ ପରିବାର ମଧ୍ୟରେ ଥଣ୍ଡା, ଜ୍ୱର ଓ କାଶ ଅଧିକ ଦିନ ଧରି ଲାଗି ରହୁଥିଲେ ମଧ ଭୟରେ କରୋନା ପରୀକ୍ଷା କରୁ ନ ଥିବା ଜଣାପଡ଼ିଛି। ଏହା ଆଗାମୀ ଦିନରେ ସମଗ୍ର ଅଞ୍ଚଳ ପ୍ରତି ବିପଦ ସୃଷ୍ଟି କରିପାରେ ବୋଲି ମତପ୍ରକାଶ ପାଉଛି। କରୋନାର ତୃତୀୟ ଲହର ତଥା ନୂତନ ଭାରିଆଣ୍ଟ ଓମିକ୍ରନ୍‌କୁ ନେଇ ସରକାର ସତର୍କ କରିଥିବାବେଳେ ସ୍ୱାସ୍ଥ୍ୟକର୍ମୀମାନେ ଘରକୁ ଘର ଯାଇ ସର୍ଭେ କରି ଆବଶ୍ୟକ ପରୀକ୍ଷା କରାନ୍ତୁ ବୋଲି ବୁଦ୍ଧିଜୀବୀଙ୍କ ମଧ୍ୟରେ ମତପ୍ରକାଶ ପାଇଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏ ନେଇ ଗୁରୁତ୍ୱ ଦେଇ ପଦକ୍ଷେପ ନିଆଯାଉ ବୋଲି ଦାବି ହେଉଛି।

GOVERNMENT OF ODISHA No. C-1452
OFFICE OF THE PURI MUNICIPALITY, PURI
Email: purim.hud@nic.in
NATIONAL COMPETITIVE BIDDING THROUGH e-Procurement
Identification No. P.M. 07/2021-22
Notice No. 7987 Dated: 01.12.21

| | | |
|---|---|---|
| 1. | Type of Work | : Civil Work |
| 2. | Total No. of works | : 45 Nos. of Individual works |
| 3. | Estimate Cost | : Rs.97230/- to Rs.1785608/- |
| 4. | Period of Completion | : 30 Days |
| 5. | Date & time of availability of bid document in the portal | : From 03 P.M. of 01.12.2021 to 05 P.M. of 09.12.2021 |
| 6. | Last date/time for receipt of bid in the portal | : Upto 05 P.M. of 09.12.2021 |
| 7. | Date of opening of Bid | : 11 A.M. of Dtd.10.12.2021 |
| 8. | Name & address of the Officer Inviting Bid | : Executive Officer, Puri Municipality, Puri |

Further detail can be seen from the e-procurement portal www.tendersorissa.gov.in.

Sd./- Executive Officer
Puri Municipality, Puri
OIPR-13159/11/0016/2122

ODISHA PUBLIC SERVICE COMMISSION, CUTTACK
NOTICE
No. 8765/PSC Dt.02.12.2021
(1R-80-21-22) (DR-V)

No. D-216: It is for information of all concerned that, document verification of candidates having PPSAN mentioned below for the post of **Associate Professor in Vyakarana** pursuant to Advertisement No. 06 of 2021-22 shall be held on **18.12.2021** as per the following programme in the Office of the Commission at 19, Dr. P.K. Parija Road, Cuttack - 753001.

PROGRAMME OF DOCUMENT VERIFICATION

| Date | Time of Verification | PPSAN |
|---|---|---|
| 18.12.2021 | 10.30 A.M. | 00109927 & 00109076 = **02 Candidates** |

The candidates are required to submit the following documents at the time of verification.
1. The hard copies of **online application forms** indicating their **PPSAN at the top right hand corner.** (Not required for offline mode of applications).
2. Three passport size **photographs.**
3. Duly filled in & attested **"Attestation Form"** and duly filled in **"Bio-data Form"**, (downloaded from the website of the Commission).
4. Duly filled in forms **"Appendix-I & II"** to be downloaded from the website of the Commission
5. P.G. Degree mark sheet in support of percentage of mark.
6. Ph.D. Thesis
7. Certificate of teaching experinece.
8. Following documents in Original (as per table-2 of Appendix-II of UGC regulation - 2018)
   a. All original research publications/books.
   b. Creation of ICT mediated Teaching/Learning/Pedagogy
   c. Research Guidance
   d. Patents if any.
   e. Invited lectures/resource person/paper presentation in Seminar/Confrence.

Besides :
   i. Copies of the 1st Pages of each Research Publication/Papers - 01 Set
   ii. Copies of front and back cover pages of the Published Books - 01 Set

The candidates are advised to report in the office of the Commission **half an hour before the commencement of verification** on the scheduled date & time as mentioned above. Every candidate strictly advised to adhere to the **COVID Guidelines** as notified by the Government from time to time.

OIPR-12002/11/0152/2122 Sd./- Secretary

ODISHA PUBLIC SERVICE COMMISSION, CUTTACK
NOTICE
No. 8782/PSC Dt.02.12.2021
(1R-81-21-22) (DR-V)

No. D-220: It is for information of all concerned that, document verification of candidates having PPSAN mentioned below for the post of **Associate Professor in Veda** pursuant to Advertisement No. 06 of 2021-22 shall be held on **15.12.2021** as per the following programme in the Office of the Commission at 19, Dr. P.K. Parija Road, Cuttack - 753001.

PROGRAMME OF DOCUMENT VERIFICATION

| Date | Time of Verification | PPSAN |
|---|---|---|
| 15.12.2021 | 2.30 P.M. | 00110514, 00089839 & 00087719 = **3 Candidates** |

The candidates are required to submit the following documents at the time of verification.
1. The hard copies of **online application forms** indicating their **PPSAN at the top right hand corner.** (Not required for offline mode of applications).
2. Three passport size **photographs.**
3. Duly filled in & attested **"Attestation Form"** and duly filled in **"Bio-data Form"**, (downloaded from the website of the Commission).
4. Duly filled in forms **"Appendix-I & II"** to be downloaded from the website of the Commission
5. P.G. Degree mark sheet in support of percentage of mark.
6. Ph.D. Thesis
7. Certificate of teaching experinece.
8. Following documents in Original (as per table-2 of Appendix-II of UGC regulation - 2018)
   a. All original research publications/books.
   b. Creation of ICT mediated Teaching/Learning/Pedagogy
   c. Research Guidance
   d. Patents if any.
   e. Invited lectures/resource person/paper presentation in Seminar/Confrence.

Besides :
   i. Copies of the 1st Pages of each Research Publications/Papers - 01 Set
   ii. Copies of front and back cover pages of the Published Books - 01 Set

The candidates are advised to report in the office of the Commission **half an hour before the commencement of verification** on the scheduled date & time as mentioned above. Every candidate strictly advised to adhere to the **COVID Guidelines** as notified by the Government from time to time.

OIPR-12002/11/0156/2122 Sd./- Secretary

